ବଣମଲ୍ଲୀର ମହକ
ISSN : 3108-2041
VOL.02 - ISSUE.03 - MARCH 2026

# ଆଜିର ପ୍ରେମ

**ଲିଜାଲିନ୍ ରାଉଳ**



ଯଦି ମୁଁ ତୁମକୁ ପଚାରେ... ପ୍ରେମ କଣ??
ତୁମ ପାଖରୁ କି ଉତ୍ତର ଆସିବ ମୁଁ ଜାଣିନି।
କିନ୍ତୁ ମୋ ଭାଷାରେ ପ୍ରେମର ଅର୍ଥ...
ଜ୍ୱଳନ୍ତ ଅଗ୍ନିରେ ଜୀବନ୍ତ ଦଗ୍ଧ ହେବା ସଦୃଶ
କେହି ନାହିଁ ଏଠି ଖୁସିରେ ଦେଖ.....
ପ୍ରେମ କରି ପସ୍ତାଉଛି
ପୁରୁଣା କାଳରୁ ପ୍ରେମର ନଅରେ
ପ୍ରେମ ସଦା ଧୋକା ଦେଇଛି
ଆଜିର ପ୍ରେମ ଯେ, ଅଢେଇ ଦିନିଆ
ଦିନ କେଇଟାରେ ସରେ
ଖେଳନା ସଦୃଶ୍ୟ ହୃଦୟକୁ ଭାବି
ଦଳି ଚକଟି ପ୍ରେମ ମାରେ
ପ୍ରେମ ଦିବସରେ ପ୍ରେମ ଝରି ପଡେ
କିଛି ଦିନରେ ସେ ମରେ
ଦୈହିକ ସୁଖକୁ ଆଜିର ସମାଜ
ପ୍ରେମ ବୋଲି ମନେ କରେ
ମନର ମିଳନେ, ଆତ୍ମର ସଂଯୋଗେ
ମୋ ଭାଷାରେ ପ୍ରେମ ହୁଏ
ସେଇ ପ୍ରେମ ଖୋଜି ଆଜିର ଦିନରେ
ପ୍ରତାରିତ ପ୍ରେମୀ ହୁଏ
ଆଜି 'ଆ' ପାଖେ, କାଲି 'ତା' ପାଖେ
ଧୋକା ଏଠି ପ୍ରେମ ଦିଏ
ହୃଦୟ ସଉଦା ପ୍ରେମର ବାଜରେ
ଶସ୍ତାରେ ବିକିରି ହୁଏ
ପ୍ରେମ କଳଙ୍କିତ କହୁ ନାହିଁ ମୁଁ ଯେ
ସବୁ ପ୍ରେମୀ ଏକ ନୁହେଁ
ଜୀବନ ପଥରେ ଏକଲା ବାଟୋଇ
ହେବା ପାଇଁ ମୁଁ ଯେ ଚାହେଁ।

**ଛଚିନା, ନୂଆହାଟ, କେନ୍ଦ୍ରାପଡ଼ା**
**ମୋ - ୮୪୫୭୯୬୮୭୦୮**

*© Copyright of the published article is held by the author. This article is open access & distributed under a Creative Common Attribution - 4.0 International CC BY-NC-SA 4.0. [ visit online - https://www.banamalli.org ]*